ଧରିତ୍ରୀ
DHARITRI
Printed at Bhubaneswar, Sambalpur, Angul and Rayagada
akhabar.com/www.dharitri.com ରାୟଗଡ଼ା, ଗୁରୁବାର, ମାର୍ଚ୍ଚ ୯/୨୦୧୭ (୧୬ ପୃଷ୍ଠା) Rayagada, Thursday, March 9 /2017

# ମହିଳା ଦିବସରେ ରାଇମତି ସମ୍ମାନିତ

କୁନ୍ଦୁରା,୮।୩(ଡି.ଏନ.ଏ.)–କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ଅନ୍ତର୍ଗତ ନୂଆଗୁଡା ଗ୍ରାମର ରାଇମତି ଘିଉରିଆ। ଜୈବିକ ସାର ପ୍ରୟୋଗ କରି ଚାଷ କରି ସ୍ୱାବଲମ୍ବୀ ହୋଇପାରିଥିବାରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ତାଙ୍କୁ ସମ୍ମାନିତ କରାଯାଇଛି। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ସଚ୍ଚିଦାନନ୍ଦ ମହାନ୍ତି ତାଙ୍କୁ ସମ୍ମାନିତ କରିଛନ୍ତି। ରାଇମତି କିଛି ପାଠ ନ ପଢି ମଧ୍ୟ ଜୈବିକ ସାର ପ୍ରସ୍ତୁତି ପ୍ରଣାଳୀ ସ୍ୱାମୀ ନାଥନ ଗବେଷଣା ସଂସ୍ଥାରୁ ତାଲିମ ନେଇଛନ୍ତି। ଏଥିସହ ସେ ବାହାର ଜିଲାକୁ ଯାଇ ବିଭିନ୍ନ ସଂସ୍ଥାରୁ ଏହି ପ୍ରଣାଳୀ ଶିଖିଛନ୍ତି। ଜୈବିକ ସାର ଦ୍ୱାରା ସେ ପନିପରିବା ଚାଷ, ଧାନ, ବିରି, ମାଣ୍ଡିଆ ଏବଂ ଛତୁଚାଷ କରୁଛନ୍ତି। ଏଥିରେ ସେ ନିଜ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିଛନ୍ତି। ଜଣେ ଆଦିବାସୀ ଶ୍ରେଣୀର ମହିଳା ହୋଇ ମଧ୍ୟ



ରାଇମତିଙ୍କୁ ସମ୍ମାନିତ କରାଯାଉଛି ।

ସେ କୁନ୍ଦୁରା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜୈବିକ ପ୍ରଣାଳୀରେ ଚାଷ ପାଇଁ ସର୍ବଦା ନିଜକୁ ନିୟୋଜିତ ରଖିବା ବେଶ୍ ଉତ୍ସାହଜନକ ବୋଲି ସ୍ୱାମୀନାଥନ ସଂସ୍ଥାର ଅଜିତ ସାହୁ କହିଛନ୍ତି। ଏଥିପାଇଁ ତାଙ୍କୁ ଶିକ୍ଷାବିତ୍ ପଞ୍ଚାନନ ଗୌଡ, ଶ୍ୱେତବସନ୍ତ ରଥ, ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ଧରିତ୍ରୀ
DHARITRI
Printed at Bhubaneswar, Sambalpur, Angul and Rayagada
akhabar.com/www.dharitri.com ରାୟଗଡ଼ା, ଗୁରୁବାର, ମାର୍ଚ୍ଚ ୯/୨୦୧୭ (୧୬ ପୃଷ୍ଠା) Rayagada, Thursday, March 9 /2017

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୪ ମହିଳା ସମ୍ମାନିତ




ମହିଳା ଦିବସ ଅବସରରେ ଜଣେ ମହିଳାଙ୍କୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ସମ୍ମାନିତ କରୁଛନ୍ତି ।

କୋରାପୁଟ,୮।୩(ସ୍ୱ.ପ୍ର)–କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ କରାଯାଇଛି । ଏହି ଅବସରରେ ଜିଲାର ୪ ଜଣ ମହିଳାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଛି । ବିଶ୍ୱବିଦ୍ୟାଳୟ ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାଙ୍କ ବିନା ସମାଜର ଉନ୍ନତି ଅସମ୍ଭବ । ମହିଳା ଓ ପୁରଷ ମଧ୍ୟରେ ପାରସ୍ପରିକ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ. ପ୍ରୀତିଧାରା ସାମଲ, ସୁନାବେଡାସ୍ଥିତ ଏରୋନେଟିକ୍ସ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଡ. ସାରଳା ବେହେରା, ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ଡ. ସି ସାବିତ୍ରୀ, ସମାଜସେବୀ ଭାବେ ରଇମତି ଭିଉରିଆଙ୍କୁ କୁଳପତି ମହାନ୍ତି ସମ୍ମାନିତ କରିଥିଲେ । ଅଧ୍ୟାପିକା ଡ. ସାଗରିକା ମିଶ୍ର, ଡ. ରୁଦ୍ରାଣି ମହାନ୍ତି,ଡ. ଶତାବ୍ଦୀ ବେହେରା, ଡ. ମିନତି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୁକନ୍ୟା ଓ ପ୍ରତିମା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

Volume XXXIII No 154
Bhubaneswar
Friday 10 March 2017
Page 20 With E2 ₹ 5.00
ଭୁବନେଶ୍ୱର
ଶୁକ୍ରବାର, ୧୦ ମାର୍ଚ୍ଚ ୨୦୧୭
ଇ୨ ସହ ୨୦ ପୃଷ୍ଠା, ମୂଲ୍ୟ ୫ ଟଙ୍କା
www.sambadepaper.com

SAMBAD
ସମ୍ବାଦ




RNI Regd. No. 42132/84
PRINTED AT BHUBANESWAR BALASORE JEYPORE BARGARH
JEYPORE

# ମହିଳା ଦିବସ ପାଳିତ

**କୋରାପୁଟ :** ସୁନାବେଡା ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଇଣ୍ଟରନାଲ୍ କମ୍ପ୍ଲେଇନଟ୍‌ସ କମିଟି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ମାନୀତ ଅତିଥି ରୂପେ ଜୟପୁର ବିକ୍ରମଦେବ ସ୍ୱଂୟଶାସିତ ମହାବିଦ୍ୟାଳୟର ଅଧକ୍ଷା ଡ. ସି. ସାବିତ୍ରୀ, କୋରାପୁଟ ସରକାରୀ ମହିଳା ମହାବିଦ୍ୟାଳୟ ଅଧାପିକା ଡ. ପ୍ରୀତିଧାରା ସାମଲ, ସୁନାବେଡା ଏରୋନେଟିକ୍ସ ମହିଳା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଡ. ସାରଳା ବେହେରା ଓ ଏସ୍‌ଏଚ୍‌ଜି ଗ୍ରୁପର ରଇମତି ଘିଉରିଆ ଯୋଗ ଦେଇଥିଲେ। କୁଳପତି ଶ୍ରୀ ମହାନ୍ତି ନିଜ ବକ୍ତବ୍ୟରେ ନାରୀ ଏବଂ ପୁରୁଷ ଜୀବନ ଯାତ୍ରାରେ ଦୁହେଁ ସହଯାତ୍ରୀ ଅଟନ୍ତି ଓ ଯାତ୍ରାକୁ ସୁନ୍ଦର କରିବା ନିମନ୍ତେ ଉଭୟଙ୍କ ମଧରେ ଠିକ୍ ବୁଝାମଣା ରହିବା ଦରକାର। ନାରୀର ଉନ୍ନତି ଶିକ୍ଷା ମାଧମରେ ହିଁ ହୋଇପାରିବ। ଶିକ୍ଷା ଦ୍ୱାରା ଆମ ମଧରେ ପରିବର୍ତ୍ତନ ଆସେ ଏବଂ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ନାରୀର ବଳିଦାନକୁ ସମ୍ମାନ ଜଣାଇ ନାରୀକୁ ସମାଜରେ ଉଚ୍ଚ ସ୍ଥାନ ଦେବା ଦରକାର ବୋଲି ପ୍ରକାଶ କରିଥିଲେ।

ଏହି ଅବସରରେ ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷା ଡ. ସି. ସାବିତ୍ରୀ ସମୟ ଆସିଯାଇଛି ଯେ ନାରୀ ଏବଂ ପୁରୁଷମାନେ ମିଳିତ ଉଦ୍ୟମରେ ଏମିତି ଏକ ସମାଜ ଗଠନ କରିବାକୁ ପଡିବ ଯେଉଁଥିରେ ଉଭୟେ ପରସ୍ପରକୁ ସମ୍ମାନ ଏବଂ ପ୍ରେମ ଗ୍ରହଣ କରିପାରିବେ ବୋଲି କହିଥିଲେ। ଅଧାପିକା ଡା. ପ୍ରୀତିଧାରା ସାମଲ ଆଜିର ନାରୀ ନିଜ ପାଇଁ ଏକ ସ୍ୱତନ୍ତ୍ର ସମାଜ ଗଠନ କରିବାକୁ ଚେଷ୍ଟା କରୁଛି, ଯେଉଁଠି ନାରୀ ଓ ପୁରୁଷ ପରସ୍ପର ପ୍ରତି ସମ୍ମାନ ସହ ବଞ୍ଚିବେ ବୋଲି ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ଡ. ସାରଳା ବେହେରା ନିଜ ବକ୍ତବ୍ୟରେ ସମାଜରେ ନାରୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ଏବଂ ତାହାକୁ ନାରୀକୁ ହିଁ ବଜାୟ ରଖିବାକୁ ପଡିବ କହିଥିବା ବେଳେ ରଇମତି ଘିଉରିଆ ମହିଳା ସଶକ୍ତିକରଣ ନିମନ୍ତେ ଆର୍ଥିକ ଉନ୍ନତି ସହ ସାମାଜିକ ଉନ୍ନତି ଆବଶ୍ୟକ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ଡ. ସି. ସାବିତ୍ରୀ, ଡ. ପ୍ରୀତିଧାରା ସାମଲ, ଡ. ସାରଳା ବେହେରା ଓ ରଇମତି ଘିଉରିଆଙ୍କୁ ସମ୍ମାନୀତ କରିଥିଲେ। ଆଇସିସିର ଅଧକ୍ଷା ଡ.ମିନତୀ ସାହୁ ସ୍ୱଗତ ଭାଷଣ ଦେଇବା ବେଳେ ଡ. ରୁଦ୍ରାଣୀ ମହାନ୍ତି ଏବଂ ଡ. ଶତାବ୍ଦୀ ବେହେରା କାର୍ଯ୍ୟ ସଯୋଜନା କରିଥିଲେ। ଛାତ୍ରୀ ସୁଶ୍ରୀ ସୁକନ୍ୟା ଓ ପ୍ରତିମା ସାହୁ ପରିଚାଳନା କରିଥିବା ବେଳେ ଆଇସିସି ସଦସ୍ୟ ଡ. ସାଗରିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ପ୍ରଧାପକ ଓ ପ୍ରଧାପିକା ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# Observation of International Women's Day at Central University of Orissa

March 9, 2017






**Report by Nishaptai Nayak, Koraput:** Central University of Orissa felicitate four women of the region for their remarkable contribution in the field of women empowerment at it Sunabeda campus on the occasion of International Women's Day. CUO Vice-Chancellor Prof. Sachidananda Mohanty felicitated them in a special programme organized by the Internal Complaints Committee (ICC) of the University at its campus, Sunabeda. They were Dr. Pritidhara Samal, poet, and Odia Lecture at Govt. Women's College, Koraput, Dr. Sarala Behera, poet and Teacher at Aeronautics Govt. High School, Sunabeda, Dr. C. Savitri, Principal Vikram Dev (Autonomous) College, Jeypore and Smt. Raimati Ghiuria, Tribal women leader and social worker for their contribution in women's empowerment in this region.

Prof. Mohanty in his inaugural speech hailed the contribution of women in everyone's life. He advocates the equal rights and position of women in the society. He said "Men and Women are fellow travelers and we need to understand each other. There must be mutual understanding between men and women. We need have mutual understanding rather than the battle of sexes. We need to change our self from the egoism". "Education system should believe in reformation system and its education which can transform us, changes us and recognize us" said Prof. Mohanty. He shared extract from Sarala Devi and Bidyut Prabha Devi, the renowned Odia poet on this occasion.

On this occasion Dr. Pritidhara Samal said "present day's women are trying to create a new society, where men and women will appreciate each other and men are helping them in it". Dr. Sarala Behera said "women always have a unique identity and they need to maintain it".

Dr. C. Savitri said" we need to create a society where women will be accepted and supported with a broad mentality". Smt. Raimati Ghiuria shared her experience and stressed on the economical development of the women for their empowerment. On this occasion guests recited their poems and motivated the students to create a gender equal society.

Posters on women empowerment prepared by ICC were inaugurated and prizes and certificates were distributed to the winners of various competition organized by the Internal Complaints Committee (ICC) by Prof. Mohanty. Poetry was recited by the students on this occasion.

Dr. Minati Sahoo, Chairperson, ICC delivered the welcome address and Dr. Sagarika Mishra, Member, ICC gave vote of thanks. Dr. Rudrani Mohanty and Dr. Satabdhi Behera, members of ICC, co-ordinate the programme. Sushree Sukanya and Sushree Pratima Sahoo compeered the programme. Students, faculty members and Officers of the University were present at large on this occasion.